କାଶ୍ମୀର୍ ଚାନ୍ଦ

ବନାମ

ଆର୍ଥିକ ଆୟୁକ୍ତ, ହରିୟାଣା ଏବଂ ଅନ୍ୟମାନେ

ଜୁଲାଇ 15, 1996

[କେ. ରାମାସ୍ୱାମୀ ଏବଂ ଜି.ବି. ପଟ୍ଟନାୟକ, ନ୍ୟାୟମୂର୍ତ୍ତିଦ୍ୱୟ]

*ନିଲାମ ବିକ୍ରୟ ଦେୟ -ଖିଲାପ -ଆବଣ୍ଟନ ବାତିଲ -ଅପିଲକାରୀ ନିଲାମରେ ପ୍ଲଟ୍ କ୍ରୟ କରନ୍ତି -ବିକ୍ରୟ ମୂଲ୍ୟର କେବଳ ଏକ ଅଂଶ ମାତ୍ର ଦେୟ ହୋଇଛି -ବଳକା ରାଶି ସମ୍ବନ୍ଧରେ 21 ବର୍ଷରୁ ଅଧିକ ସମୟ ପାଇଁ ଖିଲାପ -ଆବଣ୍ଟନ ବାତିଲ -ଆଜ୍ଞାଦେଶ ଆବେଦନ - ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ଖାରଜ -ଅପିଲ -କ୍ରେତାଙ୍କ ଓକିଲଙ୍କ ବକ୍ତବ୍ୟ ଅନୁସାରେ, ସୁଧ ସହିତ ଦୁଇଟି କିସ୍ତି ଦେୟ ହୋଇସାରିଛି ଏବଂ ଗୋଟିଏ କିସ୍ତି ବାକି ରହିଛି -ଓକିଲଙ୍କ ବିବୃତିର ସ୍ୱୀକୃତି -କ୍ରେତାଙ୍କୁ 4 ମାସ ମଧ୍ୟରେ ବଳକା ଅର୍ଥ ପଇଠ କରିବାର ସ୍ୱାଧୀନତା ଦିଆଯାଇଛି -ଖିଲାପରେ ଉଚ୍ଚ ନ୍ୟାୟାଳୟଙ୍କ ଆଦେଶ ପୁନଃସ୍ଥାପିତ ହେବ ।*

ଦେୱାନୀ ଅପିଲିୟ କ୍ଷେତ୍ରାଧିକାରିତା : ଦେୱାନୀ ଅପିଲ ସଂଖ୍ୟା 9753/1996 ।

ଏଲ୍.ପି.ଏ. ସଂଖ୍ୟା 355/1993ରେ ପଞ୍ଜାବ ଏବଂ ହରିୟାଣା ଉଚ୍ଚ ନ୍ୟାୟାଳୟର 19.8.93 ତାରିଖର ରାୟ ଏବଂ ଆଦେଶରୁ ।

ଅପିଲକାରୀ ପାଇଁ କେ.ବି. ରୋହତଗୀ ଏବଂ ସୁଶ୍ରୀ ଆପ୍ରାନା ରୋହତଗୀ ।

ଉତ୍ତରଦାତାମାନଙ୍କ ପାଇଁ ଆର୍. ବାନା ।

ନ୍ୟାୟାଳୟଙ୍କର ନିମ୍ନଲିଖିତ ଆଦେଶ ପ୍ରଦାନ କରାଯାଇଥିଲା :

ଅନୁମତି ପ୍ରଦାନ କରାଗଲା ।

ଆମେ ଉଭୟ ପକ୍ଷର ବିଜ୍ଞ ଓକିଲଙ୍କୁ ଶୁଣିଛୁ ।

ସ୍ୱୀକାର୍ଯ୍ୟ ଭାବେ, 1971 ମସିହା ଜୁଲାଇ ମାସରେ ଆୟୋଜିତ ଏକ ଖୋଲା ନିଲାମୀରେ ଏହି ପ୍ଲଟକୁ 46, 000 ଟଙ୍କାରେ ବିକ୍ରି କରାଯାଇଥିଲା । ଅପିଲକାରୀ କେବଳ 11, 500 ଟଙ୍କା ପ୍ରଦାନ କରିଛନ୍ତି । ତାଙ୍କୁ ବଳକା ଅର୍ଥରାଶି 34, 500 ଟଙ୍କା ଦେବାକୁ ଥିଲା । ନିଲାମ ଅନୁଯାୟୀ, ସେ 21 ବର୍ଷରୁ ଅଧିକ ସମୟ ଧରି ଦେୟକୁ ପାଳନ କରିନଥିଲେ । ଫଳସ୍ୱରୂପ, ତାଙ୍କୁ 3,78,000 ଟଙ୍କା ଦେବାକୁ ଦାବି କରାଯାଇଥିଲା ଯାହା ସେ ପଇଠ କରିବାରେ ବିଫଳ ହୋଇଥିଲେ । ଯେତେବେଳେ ଆବଣ୍ଟନକୁ ବାତିଲ୍ କରିବା ପାଇଁ ପ୍ରୟାସ କରାଯାଇଥିଲା, ସେ ସେହି କାର୍ଯ୍ୟ ଉପରେ ପ୍ରଶ୍ନ ଉଠାଇ ଉଚ୍ଚ ନ୍ୟାୟାଳୟରେ ଗୋଟିଏ ଆଜ୍ଞାଦେଶ ଆବେଦନ

ଦାୟର କରିଥିଲେ । ଆଜ୍ଞାଦେଶ ଆବେଦନ ବିଚାରାଧୀନ ଥିବା ସମୟରେ, ଉଚ୍ଚ ନ୍ୟାୟାଳୟ ଏକ ଦେୱାନୀ ବିବିଧ ମାମଲାରେ ଏକ ଆଦେଶ ପାରିତ କରିଥିଲେ । ଏଥିରେ ଅପିଲକାରୀ ଦାବି କରିଥିଲେ ଯେ ସେ ସେପ୍ଟେମ୍ବର 21, 1992 ରେ 34, 500 ଟଙ୍କା ଜମା କରିଥିଲେ । ଅଦାଲତ ଜାଣିବାକୁ ପାଇଲେ ଯେ ଯଦି ଅପିଲକାରୀଙ୍କ ଦାବି ଅନୁଯାୟୀ 34,500 ଟଙ୍କା ଜମା କରାଯାଇଥିଲା, 3,43,500 ଟଙ୍କାର ବଳକା ପରିମାଣ ଜମା କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା, କିନ୍ତୁ ସେ ତାହା କରିନଥିଲେ । ଫଳସ୍ୱରୂପ, ଆଜ୍ଞାଦେଶ ଆବେଦନ ଖାରଜ ହୋଇଯାଇଥିଲା ଏବଂ 19 ଅଗଷ୍ଟ, 1993 ରେ ଏମ୍.ପି.ଏ. ସଂଖ୍ୟା 355/93 ରେ ଏକ ଆକ୍ଷେପିତ ଆଦେଶ ଉପରେ ଏକ ଅପିଲରେ ବିଦ୍ୱାନ ଏକକ ନ୍ୟାୟମୂର୍ତ୍ତିଙ୍କ ଆଦେଶ ନିଶ୍ଚିତ କରାଯାଇଥିଲା ।

ପ୍ରତିଜବାବ ଦାଖଲ କରିବା ପାଇଁ ସମୟ ନିଆଯାଇଥିଲେ ମଧ୍ୟ ଉତ୍ତରଦାତାମାନେ ତାହା ଦାଖଲ କରିନଥିଲେ । ଅପିଲକାରୀଙ୍କ ଓକିଲ ଶ୍ରୀ କେ.ବି. ରୋହତଗୀ କହିଛନ୍ତି ଯେ ତାଙ୍କ ମହକିଲ 12 ପ୍ରତିଶତ ସୁଧ ସହିତ ଦୁଇଟି କିସ୍ତି ଜମା କରିସାରିଛନ୍ତି ଏବଂ ଗୋଟିଏ କିସ୍ତି ବକେୟା ରହିଛି । ଓକିଲଙ୍କ ବିବୃତି ସଠିକ୍ ବୋଲି ଆମେ ପ୍ରଥମ ଦୃଷ୍ଟିଗତ ଭାବେ ସ୍ୱୀକାର କରୁଛୁ । ଯଦି ସେହି ଦେୟଗୁଡ଼ିକ ପୂର୍ବରୁ ପ୍ରଦାନ ହୋଇସାରିଛି, ତେବେ ଅପିଲକାରୀଙ୍କୁ ଆଜିଠାରୁ 4 ମାସ ମଧ୍ୟରେ ବଳକା ଅର୍ଥ ପ୍ରଦାନ କରିବାର ସ୍ୱାଧୀନତା ଦିଆଯାଇଛି । ଯଦି ସେ ପୂର୍ବରୁ ଏହି ରାଶି ଜମା କରିନାହାନ୍ତି କିମ୍ବା ନିର୍ଦ୍ଦେଶ ଅନୁଯାୟୀ ଅର୍ଥ ପଇଠ କରିବାରେ ବିଫଳ ହୁଅନ୍ତି, ତେବେ ଏହି ଆଦେଶ ସ୍ୱତଃ ବାତିଲ ହେବ ଏବଂ ଉଚ୍ଚ ନ୍ୟାୟାଳୟଙ୍କ ଆଦେଶ ପୁନଃସ୍ଥାପିତ ହେବ ।

ତଦନୁସାରେ ଅପିଲର ଫଇସଲା କରାଯାଇଛି । କୌଣସି ଖର୍ଚ୍ଚ ନାହିଁ ।

ଟି.ଏନ୍.ଏ. ଅପିଲ ଫଇସଲା ହେଲା ।

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

***ଭାଷାନ୍ତର:***
ସୁବୋଧ ରାଉତ,
ଉପବିଭାଗ ଅଧିକାରୀ (ଅନୁବାଦ),
ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।